# ସବୁଜ ଗିରି
# SABUJA GIRI

**KRISHI VIGYAN KENDRA, GAJAPATI**
**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Indian Council of Agricultural Research, New Delhi
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ

ଊନବିଂଶ ବର୍ଷ | ସଂଖ୍ୟା - ୨ | ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ: ୨୦୨୩୧୧୦୦୪୮ | ଜୁଲାଇ-ସେପ୍ଟେମ୍ବର ୨୦୨୩













## କୃଷି ବିଜ୍ଞାନ କେନ୍ଦ୍ର- ଚାଷୀ ଜୀବନର ପଥ ପ୍ରଦର୍ଶକ

ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାର ଜୀବନ ଜୀବିକା ବିବିଧ କୃଷିରୁ ସମ୍ଭବ ହୋଇପାରିଛି । ଧାନ ବ୍ୟତୀତ ମକା, ମାଣ୍ଡିଆ, ଆମ୍ବ, କମଳା, ଲେମ୍ବୁ, ପିଜୁଳି, ଆତ, ଅଦା, ହଳଦୀ, ଡାଲ୍‌ଚିନି, ଗୋଲମରିଚ ତଥା କୁକୁଡ଼ା, ଛେଳି, ଗୋପାଳନ, ଛତୁ ଏବଂ ମହୁଚାଷ ଏହି ବିବିଧ କୃଷିର ମୁଖ୍ୟ ଉପାଦାନ । ଏହି ଫସଲର ଉତ୍ପାଦନ ବୃଦ୍ଧି କରି କୃଷି ପରିବାରର ସର୍ବାଙ୍ଗୀନ ବିକାଶ ନିମନ୍ତେ କୃଷିବିଜ୍ଞାନ କେନ୍ଦ୍ର କାର୍ଯ୍ୟରତ । ଜିଲ୍ଲାରେ କାର୍ଯ୍ୟ କରୁଥିବା କୃଷି, ଉଦ୍ୟାନ କୃଷି ଏବଂ ଅନ୍ୟ ଆନୁସଙ୍ଗିକ ବିଭାଗଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି ନୂତନ ଜ୍ଞାନକୌଶଳକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବାକୁ ଆମର ଏହି କେନ୍ଦ୍ର ସର୍ବଦା ପ୍ରୟାସ ଜାରି ରଖିଛି । ଗଜପତି ଜିଲ୍ଲାର କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କର ବାର୍ଷିକ ଆୟ ବୃଦ୍ଧି ସହିତ ପ୍ରତ୍ୟେକ ସ୍ତରରେ ଉନ୍ନତି ସକାଶେ କୃଷିବିଜ୍ଞାନ କେନ୍ଦ୍ର ସର୍ବଦା ଚେଷ୍ଟା କରି ଆସୁଛି । ନୂତନ ଚାଷ ପଦ୍ଧତି, ପନିପରିବାର ଉନ୍ନତ କିସମ, ଗବେଷଣାଲବ୍‌ଧ ନୂତନ ଜ୍ଞାନକୌଶଳ, ଫଳ ବଗିଚାର ପୁନରୁଦ୍ଧାର, ସମନ୍ୱିତ ରୋଗପୋକ ପରିଚାଳନା, ସମନ୍ୱିତ ଖତସାର ପରିଚାଳନା, ବ୍ୟବସାୟିକ କୃଷି, ପ୍ରକ୍ରିୟାକରଣ, କୁକୁଡ଼ା ଚାଷ, ଛତୁ ଚାଷ, ମହୁ ଚାଷ ଏବଂ ନୂତନ କିସମ ଯନ୍ତ୍ରପାତି ଇତ୍ୟାଦି ଉପରେ ବିଭିନ୍ନ ସମୟରେ ତାଲିମ୍, କ୍ଷେତ୍ର ପ୍ରଦର୍ଶନୀ ତଥା କ୍ଷେତ୍ର ପରୀକ୍ଷଣ କରି ଆସୁଛି । ଚାଷୀ କିପରି ସମସ୍ତ ପ୍ରକାରର ତାଲିମ୍ ନେଇ ଏକ ସଫଳ ଚାଷୀ ରୂପେ ନିଜକୁ ଗଢ଼ି ତୋଳିପାରିବ ସେହି ଲକ୍ଷ୍ୟ ନେଇ ଆମ କୃଷିବିଜ୍ଞାନ କେନ୍ଦ୍ର ବିଗତ ଦିନରୁ କାର୍ଯ୍ୟ କରିଆସୁଛି ।

ଆମ ଜିଲ୍ଲାର ଗ୍ରାମୀଣ ବେରୋଜଗାର ଯୁବକ/ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରେଇବା ପାଇଁ ବିଭିନ୍ନ ପ୍ରକାର ଧନ୍ଦାମୂଳକ ତଥା ବ୍ୟବସାୟିକ କୃଷି ଯଥା ଫୁଲଚାଷ, ନର୍ସରୀ ସ୍ଥାପନା, ମହୁଚାଷ, ଫଳ ଓ ପନିପରିବା ପ୍ରକ୍ରିୟାକରଣ, ଛତୁଚାଷ, ଜିଆଖତ ପ୍ରସ୍ତୁତି ପ୍ରଭୃତିର ଶିକ୍ଷାଦେଇ ରୋଜଗାରର ପନ୍ଥା ବାହାର କରିବାରେ ସାହାଯ୍ୟ କରାଯାଉଅଛି ।

ଭାରତ ତଥା ସରକାରଙ୍କ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନେ ସକ୍ରିୟ ଭୂମିକା ନିର୍ବାହ କରୁଛନ୍ତି । ପୋଷ୍ୟଗ୍ରାମ ତଥା ଜିଲ୍ଲାର ଅନ୍ୟାନ୍ୟ ଗ୍ରାମରେ କ୍ଷେତ୍ର ପ୍ରଦର୍ଶନ, କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ଦିବସ ତଥା ଭିନ୍ନ ଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଯଥା ବିଶ୍ୱ ଖାଦ୍ୟ ଦିବସ, ବିଶ୍ୱ ମୃତ୍ତିକା ଦିବସ, ଗାଜର ଘାସ ସଚେତନତା ସପ୍ତାହ, ବନମହୋତ୍ସବ, ସ୍ୱଚ୍ଛତାପକ୍ଷ, ପ୍ରାଣୀ ଚିକିତ୍ସା ଶିବିରର ଆୟୋଜନ ଦ୍ୱାରା ଚାଷୀମାନଙ୍କର ଆୟବୃଦ୍ଧି କରିବା ନିମନ୍ତେ ଆମ ଅନୁଷ୍ଠାନ ଆଗେଇ ଆସିଛି । କୃଷକ ଉତ୍ପାଦକ ସଂଘ ଗଠନ କରି ଚାଷୀମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି କରିବା ପାଇଁ ଆମ କେନ୍ଦ୍ର ଅନବରତ ଚେଷ୍ଟା କରି ଆସୁଛି ।

କୃଷିବିଜ୍ଞାନ କେନ୍ଦ୍ରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଆମର ଏହି ତ୍ରୈମାସିକ ପତ୍ରିକା 'ସବୁଜ ଗିରି' ଏକ ଅଭିନବ ପ୍ରୟାସ । ଆମର ଆଶା ଉନବିଂଶ ବର୍ଷର ଦ୍ୱିତୀୟ ସଂସ୍କରଣରେ ପ୍ରକାଶିତ ସବୁଜଗିରି ପତ୍ରିକାଟି କୃଷିକ୍ଷେତ୍ରରେ ଅଗ୍ରଗତି ପାଇଁ କୃଷି ପରିବାରକୁ ଯଥେଷ୍ଟ ପ୍ରେରଣା ଯୋଗାଇବ ଏବଂ କୃଷିବିଜ୍ଞାନ କେନ୍ଦ୍ରକୁ ଅଧିକରୁ ଅଧିକ ଲୋକାଭିମୁଖୀ କରାଇବାରେ ସହାୟକ ହେବ ।

## ବନ ମହୋତ୍ସବ ପାଳନ



ସ୍ୱାଧୀନ ଭାରତରେ ଜଙ୍ଗଲକ୍ଷୟ ରୋକିବା ପାଇଁ ୧୯୫୦ ମସିହାରେ ତତ୍କାଳୀନ ଭାରତର କେନ୍ଦ୍ରମନ୍ତ୍ରୀ କେ.ଏମ୍.ମୁନ୍ସୀ ଭାରତରେ ବନ ମହୋତ୍ସବ ଆରମ୍ଭ କରିଥିଲେ । ତେଣୁ ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନ ମହୋତ୍ସବ ରୂପେ ସାରା ଦେଶରେ ପାଳନ କରାଯାଏ । ଏହି ଉପଲକ୍ଷେ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ନିକଟସ୍ଥ ମୋହନା ଗ୍ରାମରେ ବନ ମହୋତ୍ସବ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ଜଙ୍ଗଲ କ୍ଷୟର କାରଣ ଏବଂ ଅପକାରିତା ବିଷୟରେ ସଚେତନ କରାଯାଇଥିଲା । ଏହା ସହ ଜଙ୍ଗଲକ୍ଷୟକୁ କିପରି ରୋକାଯାଇପାରିବ ତା' ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସଂଗ୍ରାମ ପରମଗୁରୁ, ଉଦ୍ୟାନ କୃଷି ବୈଜ୍ଞାନିକ ଡଃ ସୁଶ୍ରୀ ଚୌଧୁରୀ, କ୍ଷେତ୍ର ବୈଜ୍ଞାନିକ ଡଃ ସଞ୍ଜୀବ ମାଣ୍ଡି ଏବଂ ୫୦ ଜଣ ଚାଷୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଧିକାରୀ ଏବଂ ଚାଷୀମାନେ ବୃକ୍ଷରୋପଣ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ପ୍ରତିଷ୍ଠା ଦିବସ




ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ପଞ୍ଚାନବେତମ ପ୍ରତିଷ୍ଠା ଦିବସ ଚଳିତ ବର୍ଷ ଜୁଲାଇ ମାସ ୧୬ ତାରିଖରେ ଜାତୀୟ କୃଷିବିଜ୍ଞାନ କମ୍ପ୍ଲେକ୍ସ, ପୁସା ଠାରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଜୁଲାଇ ମାସ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ କୃଷିବିଜ୍ଞାନ କେନ୍ଦ୍ର, ଗଜପତି ପରିସରରେ ଆୟୋଜନ କରାଯାଇଥିଲା । ଏଥି ସହିତ ଏକ କୃଷିଭିତ୍ତିକ ପ୍ରଦର୍ଶନୀର ଆୟୋଜନ ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ରା.ଉଦୟଗିରି ବ୍ଲକ୍‌ର ବିଭିନ୍ନ ଗ୍ରାମର ପ୍ରାୟ ୧୦୦ ଜଣ ଚାଷୀ ଯୋଗ ଦେଇଥିଲେ । କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସଂଗ୍ରାମ ପରମଗୁରୁ କ୍ଷେତ୍ରବିଜ୍ଞାନ ବୈଜ୍ଞାନିକ ଡଃ ସଞ୍ଜୀବ ମାଣ୍ଡି, ଉଦ୍ୟାନ କୃଷି ବୈଜ୍ଞାନିକ ଡଃ ସୁଶ୍ରୀ ଚୌଧୁରୀ, କୃଷି ପାଣିପାଗ ବିଶେଷଜ୍ଞ ଶ୍ରୀ ଜୟଶଙ୍କର ପ୍ରଧାନ ଏହି କାର୍ଯ୍ୟକ୍ରମର ପରିଚାଳନା କରିବା ସହିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର କୃଷି ନିମନ୍ତେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ ତଥା ଗବେଷଣା, ଶିକ୍ଷା ଏବଂ ସମ୍ପ୍ରସାରଣ କାର୍ଯ୍ୟକଳାପ ମାଧ୍ୟମରେ ଭାରତରେ କୃଷିକୁ ଅଗ୍ରଗତି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ବୁଝାଇଥିଲେ ।



## ଗାଜର ଘାସ ନିୟନ୍ତ୍ରଣ ସଚେତନତା ସପ୍ତାହ ପାଳନ

ଅଗଷ୍ଟ ମାସର ୧୬ ରୁ ୨୨ ତାରିଖକୁ ଗାଜର ଘାସ ନିୟନ୍ତ୍ରଣ ସଚେତନତା ସପ୍ତାହ ରୂପେ ପାଳନ କରାଯାଇଥାଏ । ଏହି ବର୍ଷ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଫଟାଛଅଁଡ଼ା ଗ୍ରାମରେ ଏହି ସପ୍ତାହଟି ପାଳନ କରାଯାଇଥିଲା । କେନ୍ଦ୍ରର ମୁଖ୍ୟ ଓ ବରିଷ୍ଠ ବୈଜ୍ଞାନିକ ଡଃ ସଂଗ୍ରାମ ପରମଗୁରୁ ଗାଜର ଘାସର ପରିବେଶ ପ୍ରତି ବିଷାକ୍ତ ପ୍ରଭାବ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇଥିଲେ । ଉଦ୍ୟାନ କୃଷି ବୈଜ୍ଞାନିକ ଡଃ ସୁଶ୍ରୀ ଚୌଧୁରୀ ଗାଜର ଘାସର ମାନବ ସମାଜ ପ୍ରତି କୁପ୍ରଭାବ ଉପରେ ଆଲୋକପାତ କରିବା ସହ ଗାଜର ଘାସର ସମନ୍ୱିତ ପ୍ରଣାଳୀରେ ନିୟନ୍ତ୍ରଣ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମର ୬୦ରୁ ଅଧିକ ଚାଷୀ ଭାଇ ଓ ଭଉଣୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଗ୍ରାମର ସମସ୍ତ ଚାଷୀ ଗାଁ ଆଖପାଖରେ ହୋଇଥିବା ଗାଜର ଘାସକୁ ନଷ୍ଟ କରିଥିଲେ ।



## କୃଷି ଗବେଷଣା ସମ୍ପ୍ରସାରଣ ସମନ୍ୱୟ ସଭା




କୃଷିବିଜ୍ଞାନ କେନ୍ଦ୍ର ଗଜପତି ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଗବେଷଣା- ସମ୍ପ୍ରସାରଣ ସମନ୍ୱୟ ସଭା ପ୍ରତ୍ୟେକ ମାସର ତୃତୀୟ ମଙ୍ଗଳବାର ଦିନ କେନ୍ଦ୍ର ପରିସରରେ ଆୟୋଜିତ କରାଯାଇଥାଏ । ସବୁ ମାସ ପରି ଅଗଷ୍ଟ ମାସର ତୃତୀୟ ମଙ୍ଗଳବାର ଦିନ ଏହି ସଭାର ଆୟୋଜନ କରାଯାଇଥିଲା । କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ସଂଗ୍ରାମ ପରମଗୁରୁ ଅଧ୍ୟକ୍ଷତା କରିବା ସହିତ ଆଗାମୀ ଋତୁ ପାଇଁ ବିଭିନ୍ନ କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ । ଉଦ୍ୟାନକୃଷି ବୈଜ୍ଞାନିକ ଡଃ ସୁଶ୍ରୀ ଚୌଧୁରୀ ଚାଷୀଙ୍କ ଉନ୍ନତି ନିମନ୍ତେ ଚାଲୁଥିବା ବିଭିନ୍ନ କାର୍ଯ୍ୟାବଳୀ ଏବଂ ଏହାର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ । ଏହି ସଭାରେ ମୁଖ୍ୟଜିଲ୍ଲା କୃଷି ଅଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ ଜଳସେଚନ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ଉଦ୍ୟାନ ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ ଏବଂ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ । ସମସ୍ତ ବିଭାଗର କାର୍ଯ୍ୟକ୍ରମରେ ସମନ୍ୱୟ ରଖିବା, ପୋଖରୀଭିତ୍ତିକ ସମନ୍ୱିତ ଚାଷ, ଉଦ୍ୟାନ କୃଷିର ପ୍ରସାରଣ, ଲଘୁଶସ୍ୟ ଜାତୀୟ ଫସଲର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା ।

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୨ ତମ ପ୍ରତିଷ୍ଠା ଦିବସ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବାଷଠି ତମ ପ୍ରତିଷ୍ଠା ଦିବସ ଚଳିତ ବର୍ଷ ଅଗଷ୍ଟ ମାସ ୨୪ ତାରିଖରେ ଭୁବନେଶ୍ୱରରେ ଥିବା ବିଶ୍ୱବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷି ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ ଗବେଷଣା, ଶିକ୍ଷା, ସମ୍ପ୍ରସାରଣ ବିଭାଗରେ କରିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟାବଳୀ ବିଷୟରେ ବିସ୍ତୃତ ବିବରଣୀ




ଦିଆଯାଇଥିଲା । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଥିବା କୃଷକ ଉତ୍ପାଦକ ସଂଘର ମହତ୍ତ୍ୱ ଏବଂ ଆଗାମୀ ଦିନରେ କୃଷିର ପ୍ରସାରଣ ନିମନ୍ତେ ଏହି ସଂଘର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା । ଏହି ପ୍ରତିଷ୍ଠା ଦିବସର ସିଧା ପ୍ରସାରଣ ଗଜପତି ଜିଲ୍ଲାର ୧୦୦ ଜଣ ଚାଷୀ ଭାଇଭଉଣୀମାନେ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଦେଖିବାର ଆୟୋଜନ କରାଯାଇଥିଲା ।

## ମକା କିସମ 'କଳିଙ୍ଗ ରାଜ୍'ର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ଗଜପତି ଜିଲ୍ଲାରେ ମକାଚାଷ ଆଦୃତି ଲାଭ କରିଥିବାରୁ ଖରିଫ୍ ଋତୁରେ ପ୍ରାୟ ୭୭୮୦ ହେକ୍ଟର ଜମିରେ ମକାଚାଷ ହେଉଛି । ମାତ୍ର ଅମଳ ହେକ୍ଟର ପ୍ରତି ୨୮.୧ କ୍ୱିଣ୍ଟାଲରେ ସୀମିତ ରହିଛି । ଚାଷୀମାନେ ଉନ୍ନତ କିସମ ବ୍ୟବହାର କରୁନଥିବା ହେତୁ ଫସଲରୁ ଆଶାନୁରୂପ ଅମଳ ପାଇପାରୁନାହାନ୍ତି । ଏହି ସମସ୍ୟାକୁ ଭିତ୍ତିକରି ଚଳିତ ଋତୁରେ ଶବରପଲ୍ଲୀ, ଡିମିରିଝୋଲି ଗ୍ରାମରେ ମକାର ଉନ୍ନତ କିସମ କଳିଙ୍ଗ ରାଜ୍‌ର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ୧୦ ଜଣ ହିତାଧିକାରୀଙ୍କୁ ଏହି ବିହନ ଯୋଗାଇଦେବା ସହିତ ବୈଜ୍ଞାନିକ ପ୍ରଣାଳୀରେ ମକା ଚାଷ କରିବା ନିମନ୍ତେ ତାଲିମ୍ ପ୍ରଦାନ କରାଯାଇଥିଲା ।



କୃଷିବିଜ୍ଞାନ କେନ୍ଦ୍ର, ଗଜପତି



## କୃଷକ ଓ କୃଷିଜୀବୀ ମହିଳାଙ୍କ ନିମନ୍ତେ ତାଲିମ୍ କାର୍ଯ୍ୟକ୍ରମ




କୃଷିବିଜ୍ଞାନ କେନ୍ଦ୍ର ପରିସରରେ କୃଷକ ଓ କୃଷିଜୀବୀ ମହିଳାଙ୍କ ନିମନ୍ତେ ଏକ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ତାଲିମ୍ କାର୍ଯ୍ୟକ୍ରମରେ ଉଦ୍ୟାନକୃଷି ବୈଜ୍ଞାନିକ ଡଃ ସୁଶ୍ରୀ ଚୌଧୁରୀ ନର୍ସରୀ ସ୍ଥାପନା ଏବଂ ପରିଚାଳନା ଦ୍ୱାରା ଉଦ୍ୟୋଗୀକରଣର ବିକାଶ ଉପରେ ଆଲୋଚନା କରିଥିଲେ । ଏଥିରେ ନର୍ସରୀ ସ୍ଥାପନା ନିମନ୍ତେ ଆବଶ୍ୟକୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଗଜପତି ଜିଲ୍ଲାର ଜଳବାୟୁ ଓ ମୃତ୍ତିକା ଚାରା ଉତ୍ପାଦନ ନିମନ୍ତେ ଖୁବ୍ ଉପଯୁକ୍ତ ଏବଂ ଦିନକୁ ଦିନ ଫୁଲ, ଫଳ, ମସଲା, ସୁଗନ୍ଧିତ ତଥା ଔଷଧୀୟ ଚାଷର ଚାହିଦା ବଢ଼ିବାରେ ଲାଗିଛି । ଅତଏବ ଏହି ପରିପ୍ରେକ୍ଷୀରେ ଚାଷୀଭାଇ ଓ ଭଉଣୀମାନେ ନର୍ସରୀ ସ୍ଥାପନ କରି ଉନ୍ନତ ମାନର ଚାରା ସମସ୍ତ ଅଞ୍ଚଳକୁ ଯୋଗାଇ ଭଲ ଉଦ୍ୟୋଗୀ ହୋଇପାରିବେ ଏବଂ ଅଧିକରୁ ଅଧିକ ଆୟ କରିପାରିବେ ବୋଲି ବୁଝାଇ ଦିଆଯାଇଥିଲା ।

## ପ୍ରୋଟିନ୍ ଯୁକ୍ତ ଧାନର ସଫଳ କ୍ଷେତ୍ର ପରୀକ୍ଷଣ

ଗଜପତି ଜିଲ୍ଲାରେ ଆଦିବାସୀ ଚାଷୀଭାଇମାନେ ଖରିଫ୍ ଋତୁରେ ଧାନଚାଷ କରିଥାନ୍ତି । ଚଳିତ ଖରିଫ୍ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୁଣ୍ଡରୁବା, ସୁରେଇଖମାର ଗ୍ରାମରେ ୧୦ଜଣ ଚାଷୀଙ୍କର ୪ହେକ୍ଟର ଜମିରେ ପ୍ରୋଟିନ୍‌ଯୁକ୍ତ ଧାନର କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଦୁଇପ୍ରକାର ପ୍ରୋଟିନ୍ ଧାନ ବିହନ ସି.ଆର୍. ୩୧୦ ଏବଂ ସି.ଆର୍. ୩୧୧ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା । ଏହା ସହିତ ବୈଜ୍ଞାନିକ ପ୍ରଣାଳୀରେ



ଧାନଚାଷ ବିଷୟରେ ବିଭିନ୍ନ ସମୟରେ ତାଲିମ୍ ମଧ୍ୟ ଦିଆଯାଇଥିଲା । ଏହି କିସମ ଦୁଇଟି କଟକସ୍ଥିତ ଧାନ ଗବେଷଣା କେନ୍ଦ୍ରରୁ ଅଣାଯାଇଥିଲା । ଏଥିରେ ହାରାହରି ଶତକଡ଼ା ୧୦ଭାଗ ପ୍ରୋଟିନ ରହିଥାଏ । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏହାକୁ ଜିଲ୍ଲାରେ ସଫଳ କ୍ଷେତ୍ର ପରୀକ୍ଷଣ କରି ଚାଷୀ ଭାଇମାନଙ୍କ ମଧ୍ୟରେ ଆହୁରି ଲୋକପ୍ରିୟ କରାଇବାର ଲକ୍ଷ୍ୟ ରଖାଯାଇଛି ।

## କ୍ଲଷ୍ଟରରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ




ଚଳିତ ବର୍ଷ ଖରିଫ୍ ଋତୁରେ ୭୫ ଜଣ ଚାଷୀମାନଙ୍କୁ ଏକତ୍ର ଗୋଟିଏ ଜାଗାରେ ହରଡ଼ ଚାଷ କରିବା ପାଇଁ ବୃହତ୍ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଉନ୍ନତ ହରଡ଼ କିସମ ଏଲ୍-ଆର୍-ଜି-୫୨ ମଞ୍ଜି ୫ କ୍ୱିଣ୍ଟାଲ୍ ଏବଂ ତରଳ ରାଇଜୋବିୟମ୍ ଜୀବାଣୁ ସାର ଏବଂ ରୋଗପୋକ ଦମନ କରିବା ନିମନ୍ତେ କୀଟନାଶକ ଔଷଧ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ବଣ୍ଟନ କରାଯାଇଥିଲା । ମୋହନା ବ୍ଲକର କେନ୍ଦୁପଦା, ଅଁଳାଗୁଡ଼ା, ମଧୁର ଆମ୍ବ ଗ୍ରାମର ୭୫ ଜଣ ଚାଷୀ ଏହି ପ୍ରଦର୍ଶନରେ ସାମିଲ୍ ହୋଇଥିଲେ । ଏହି ହରଡ଼ ୩୦ ହେକ୍ଟର ଜାଗାରେ ଚାଷ କରାଯାଇଥିଲା । ଏହି ପ୍ରଦର୍ଶନକୁ କୃଷିବିଜ୍ଞାନ କେନ୍ଦ୍ରର କ୍ଷେତ୍ରବିଜ୍ଞାନୀ ବୈଜ୍ଞାନିକ ଡଃ ସଞ୍ଜୀବ କୁମାର ମାଣ୍ଡିଙ୍କ ତତ୍ତ୍ୱାବଧାନରେ ପରିଚାଳିତ କରାଯାଇଥିଲା ।

## ସ୍ୱଚ୍ଛତା ପକ୍ଷ ପାଳନ



ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ କୃଷିବିଜ୍ଞାନ କେନ୍ଦ୍ର ଅଫିସ୍ କାର୍ଯ୍ୟାଳୟରେ ବଗିଚା ପରିସର, ଅଫିସ୍ ଗୃହ ଇତ୍ୟାଦି ସଫା ସୁତୁରା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ସଚେତନତା ସଭା ମଧ୍ୟ ଆୟୋଜନ କରାଯାଇଥିଲା ।

**ପ୍ରକାଶକ:** କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି, **ମୁଖ୍ୟ ସମ୍ପାଦକ :** ଡଃ ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)
**ସମ୍ପାଦନା ମଣ୍ଡଳୀ:** ଶ୍ରୀ ଜୟଶଙ୍କର ପ୍ରଧାନ (ବିଷୟବସ୍ତୁ ବିଶେଷଜ୍ଞ, କୃଷି ପାଣିପାଗ), ଡଃ. ସଂଜୀବ କୁମାର ମାଣ୍ଡି (ବିଷୟବସ୍ତୁ ବିଶେଷଜ୍ଞ, କ୍ଷେତ୍ର ବିଜ୍ଞାନ), ଡଃ. ସୁଶ୍ରୀ ଚୌଧୁରୀ(ବୈଜ୍ଞାନିକ ଉଦ୍ୟାନ ବିଜ୍ଞାନ), ଶ୍ରୀ ମନୋଜ କୁମାର ସାହୁ (କାର୍ଯ୍ୟକ୍ରମ ସହାୟକ, କମ୍ପ୍ୟୁଟର), ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ:୨୦୨୩୧୧୦୦୪୮,
ଯୋଗାଯୋଗ: କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି-୭୬୧୦୧୬, Email : kvkgajapati.ouat@gmail.com,kvk.gajapati@ouat.ac.in.